# Akashvani, Sambalpur

## SAMBALPURI NEWS EVENING BULLETIN

**3 August 2025- 7.02 pm- 7.12 pm.**

*******************************************

୧- କେନ୍ଦୁଝର୍ ଜିଲ୍ଲାର୍ ଭିତିଭୂମିକେ ସର୍ବଶ୍ରେଷ୍ଠ କର୍‌ବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

- ଉପର୍‌ବେଲା ସାହାଣୀ କପ୍‌ର ଫାଇନାଲ୍ ମେଚ୍‌ଥି ହେଲେ ସାମିଲ୍ ।

୨- ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟ୍‌ନାଥି ବୋର୍ଡ୍ ଉପସଭାପତି ଗିରଫ୍ ।

୩- ବର୍‌ଗଡ୍ ଜିଲ୍ଲା ନ ଭିନ୍ ଭିନ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା ଆଉ ଲୋକାର୍ପଣ୍ କଲେ ପଂଚାୟତିରାଜ୍ ମନ୍ତ୍ରୀ ।

ଆଉର୍

୪- ରାଏଜେ ଫାଇଲେରିଆର୍ ନିରାକରଣ୍ ଲାଗି ଆଏବା ୧୦ ତାରିଖ୍‌ନୁ ମୁଲ୍ ହେବା ସାମୂହିକ୍ ଉଷୋ ଖୁଆବାର୍ ଅଭିଯାନ୍ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର    ଭୁବନେଶ୍ୱର/କେନ୍ଦୁଝର୍ ସମ୍ବାଦଦାତା

କେନ୍ଦୁଝର୍ ଜିଲ୍ଲାର୍ ଭିତିଭୂମିକେ ସର୍ବଶ୍ରେଷ୍ଠ କର୍‌ବାର୍‌କେ ଅଧିକାରୀମାନ୍‌କୁ -ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରାମର୍ଶ ଦେଇଛନ୍ । କେନ୍ଦୁଝର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାର୍ ଜଙ୍ଗଲ୍ ସୁରକ୍ଷା, ପର୍ଯ୍ୟଟନ୍, ଗ୍ରାମ୍ୟ ଉନ୍ନୟନ୍, ସଡ଼କ, ପରିବହନ୍, ସ୍ୱାସ୍ଥ୍ୟ, ଶିକ୍ଷା, ଜଲ୍‌ସେଚନ୍, ମହିଳା ସଶକ୍ତିକରଣ୍, କୃଷି ସହେତେ ଶିଳ୍ପ ବାବ୍‌ଦେ ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ଜିଲ୍ଲାପାଲ୍ ଆଉ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଜିଲ୍ଲାର୍ ଉନ୍ନୟନ୍  ପ୍ରକଳ୍ପମାନ୍‌କେ ଆହୁରି ତୁର୍‌ତି କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ଏକଲ୍ ଶିକ୍ଷା ରଥ, ଏମ୍ବୁଲେନ୍ସ ଆଉ ମା ତାରିଣୀଙ୍କର୍ ନଡ଼ିଆ ସଂଗ୍ରହ ଗାଡ଼ି ଲୋକାର୍ପଣ୍ କରିଛନ୍ ।

ସେଆଡ଼େ ଉପର୍‌ବେଲା ଆଏଜ୍ କେନ୍ଦୁଝର୍ ଷ୍ଟାଡ଼ିୟମ୍ ନ ୬୪ ନମ୍ବର୍ ସାହାଣୀ କପ୍ ସିନିଅର୍ ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ । କେନ୍ଦୁଝର୍ ଷ୍ଟାଡ଼ିୟମ୍ ନ ଗେଲେରୀ, ସିନ୍ଥେଟିକ୍ ଟ୍ରେକ୍, ଫ୍ଲଡ଼୍‌ଲାଇଟ୍ ଲଗାବାର୍ ଆଉ ଚେଞ୍ଜିଂ ରୁମ୍  ବନା ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ଯ ଠାନେ ୪୦ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ଫୁଟ୍‌ବଲ୍ ଏକାଡେମୀ ଭିଲ୍ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କଟକ୍ ଆଉ ସମ୍ବଲ୍‌ପୁର୍ ଭିତ୍‌ରେ ଚାଲିଥିବା ଫାଇନାଲ୍ ମେଚ୍‌କେ ମୁଖ୍ୟମନ୍ତ୍ରୀ ଶେଷ୍‌ତକ୍ ଦେଖିଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଟିଇଟି ଆର୍‌ଏନ୍‌ୟୁ/କଟକ୍

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟ୍‌ନାଥି ବୋର୍ଡ଼ର ଉପସଭାପତି ନିହାର୍ ରଞ୍ଜନ୍ ମହାନ୍ତିଙ୍କୁ କ୍ରାଇମ୍‌ବ୍ରାଂଚ୍ ଗିରଫ୍ କରିଛେ । ଏଛେନ୍‌ତକ୍ ଇ ଘଟ୍‌ନାଥି ୮ ଝନ୍‌କୁ ଗିରଫ୍ କରାଯାଇଛେ । କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ଇହାଦେ ପ୍ରଶ୍ନପତ୍ର ଲିକ୍ ମାମ୍‌ଲାର୍ ଭିନ୍ ଭିନ୍ ଦିଗ୍‌କେ ନେଇକରି ତଦନ୍ତ୍ ଜାରି ରହିଛେ । ବୋର୍ଡ଼ର ଉପସଭାପତିଙ୍କୁ ଗିରଫ୍ ବାବ୍‌ଦେ କ୍ରାଇମ୍‌ବ୍ରାଂଚ୍ ଡିଜି ଗଣମାଧ୍ୟମ୍‌ଥି ପ୍ରତିକ୍ରିୟା ଥି କହିଛନ୍,

(ଭଏସ୍ ଓଭର୍- କ୍ରାଇମ୍ବ୍ରାଂଚ୍ ଡିଜି)

ସ୍ପେଶାଲ୍ ଓଟିଇଟି ପରୀକ୍ଷା ଆଏବା ୩୧ ତାରିଖ୍ ଦିନ ହେବାର୍ ଲାଗି ବୋର୍ଡ୍ ତର୍ଫୁ ଧାରିଜ୍ କରାଯାଇଛେ । ଆଏବା ୨୨ ତାରିଖ୍ନୁ ବୋର୍ଡ୍ର ୱେବ୍ସାଇଟ୍ଥି ଏଡ୍ମିଟ୍ କାର୍ଡ୍ ମିଲିପାର୍ବା ।

ଆଇଡି ବିସ୍ଫୋରଣ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଝାର୍ଖଣ୍ଡ୍ ସୀମ୍ନା ନ ହଠାତ୍ ଆଇଡି ବିସ୍ଫୋରଣ୍ଥି ଭାରତୀୟ ରେଲ୍ବାଇଥି କାମ୍ କରୁଥିବା କି-ମେନ୍ ଇଟୁଆ ଓରାମ୍ଙ୍କର୍ ଜୀବନ୍ ଯାଇଛେ । ଘଟ୍ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଖ ପ୍ରକାଶ୍ କର୍ବାର୍ ସହେତେ ପରିବାର୍ ଲୁକ୍କୁ ସମବେଦନା ଜନେଇକରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୧୦ ଲାଖ୍ ଟଙ୍କାର୍ ସାହାଜ୍ ଘୋଷ୍ନା କରିଛନ୍ ।

ଜଲ୍ସଂଚୟ - ଜନଭାଗିଦାରି ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ସର୍କାର୍ଙ୍କର୍ ଜଲ୍ସଂଚୟ- ଜନଭାଗିଦାରି ୨ ନମ୍ବର୍ ଖେପ୍ ଯୋଜ୍ନା ଆଏବା ମାର୍ଚ୍ଚ ମାସ୍ତକ୍ ଜାରି ରହେବା । ଯୋଜ୍ନାର୍ ପହେଲା ସଂସ୍କରଣ୍ଥି ଦେଢ଼୍ଲାଖ୍ ଭୂତଳ ଜଳ

ସଂରକ୍ଷଣ୍ ପ୍ରକଳ୍ପ ତିଆର୍ କରିକରି ଓଡ଼ିଶା ସାରା ଦେଶେ ୬ ନମ୍ବର୍ ଠାନେ ରହିଛେ । ୨ ନମ୍ବର୍ ଖେପେ ଇ ଯୋଜ୍ନାକେ ଅଏତ୍କା ତୁର୍ତି କର୍ବାର୍ ଲାଗି ନିଷ୍ପତି ନିଆଯାଇଛେ । ଉନ୍ନୟନ ଆୟୁକ୍ତ ଆଉ ଜଲ୍ସମ୍ପଦ୍ ବିଭାଗ୍ ଅତିରିକ୍ତ ମୁଖ୍ୟ ସଚିବ ଅନୁଗର୍ଗ ସବୁ ଜିଲ୍ଲାପାଲ୍ ଆଉ ମହାନଗର୍ ନିଗମ୍ ଆୟୁକ୍ତଙ୍କୁ ଇଥିର୍ଲାଗି ପଦକ୍ଷେପ୍ ନେବାର୍କେ କହିଛନ୍ ।

ଭୋଟର୍ ତାଲିକା ଆର୍ଏନ୍ୟୁ/ କଟକ୍

ନିର୍ବାଚନ୍ ଆୟୋଗ୍ ଭୋଟର୍ ତାଲିକା ସଂଶୋଧନ୍ ଆଉ ପ୍ରସ୍ତୁତି କାମ୍ଥି ଥିବା ବୁଥ୍ସ୍ତରୀୟ ଅଧିକାରୀ ଆଉ ନିରୀକ୍ଷକ୍ ମାନ୍କର୍ ପାରିଶ୍ରମିକ୍ କେ ଦୁଇଗୁନ୍ ବଢ଼େଇଛନ୍ । ସୂଚ୍ନା ଅନ୍ସାରେ ବୁଥ୍ସ୍ତରୀୟ ଅଧିକାରୀମାନ୍କର୍ ପାରିଶ୍ରମିକ୍ ୬ ହଜାର୍ ଟଙ୍କାନୁ ୧୨ ହଜାର୍ ଟଙ୍କାକେ ବଢ଼ାଯାଇଛେ । ସେନ୍ତା ସେମାନ୍କର୍ ଲାଗି ଥିବା ପ୍ରୋତ୍ସାହନ୍ ଟଙ୍କା ୧ ହଜାର୍ନୁ ୨ ହଜାର୍ କେ ବଢ଼ାଯାଇଛେ ।

ସେଆଡ଼େ ଭୋଟର୍ ତାଲିକା ପ୍ରସ୍ତୁତି କାମ୍ଥି ଲାଗିଥିବା ବୁଥ୍ସ୍ତରୀୟ ନିରୀକ୍ଷକଙ୍କର୍ ପାରିଶ୍ରମିକ ୧୨ ହଜାର୍ ଟଙ୍କାନୁ ୧୮ ହଜାର୍ ଟଙ୍କାକେ ବଢ଼ାଯାଇଛେ । ନିର୍ବାଚନ୍ ଆୟୋଗ୍ ଭୋଟର୍ ପଞ୍ଜିକରଣ୍ ଅଧିକାରୀ ଆଉ ସହାୟକ ଭୋଟର୍

ପଞ୍ଜିକରଣ୍ ଅଧିକାରୀଙ୍କର୍ ପାରିଶ୍ରମିକକେ ଭିଲ୍ ପହେଲାଥର୍ ଲାଗି ବଢ଼େଇଛନ୍ । ଭୋଟର୍ ପଞ୍ଜିକରଣ୍ ଅଧିକାରୀ ୩୦ ହଜାର୍ ଟଙ୍କା ଆଉ ସହାୟକ ଭୋଟର୍ ପଞ୍ଜିକରଣ୍ ଅଧିକାରୀ ୨୫ ହଜାର୍ ଟଙ୍କା ପାଏବେ ।

ପଂଚାୟତିରାଜ୍ ମନ୍ତ୍ରୀ-ବର୍‌ଗଡ୍ ବର୍‌ଗଡ୍ ସମ୍ବାଦଦାତା

ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଦିନ୍‌କିଆ ବର୍‌ଗଡ୍ ଜିଲ୍ଲା ଗସ୍ତଥି ଆସିକରି ବିଭାଗୀୟ ଅଧିକାରୀମାନ୍‌କର୍ କାମ୍‌ର ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାଏକ୍ ନିଜର୍ ବିଭାଗ୍‌ର ୫୦ କୋଟି ୨୫ ଲାଖ୍ ଟଙ୍କାର୍ ୧ ହଜାର୍ ୭୮ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇତାର୍‌ଛଡ଼ା ଭେଡ଼େନ୍ ଆଉ ବର୍‌ପାଲି ବ୍ଲକ୍ ନ ନିର୍ମାଣାଧୀନ୍ ବୃହତ୍ ଜଲ୍‌ଯୋଗାଣ ପ୍ରକଳ୍ପ ତିଆରର୍ ପ୍ରଗତି, ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ସେତୁ ବନ୍ଧ ଯୋଜ୍‌ନାର୍ କାମ୍, ପୂର୍ତ ବିଭାଗ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ରାସ୍ତା ତିଆରିର୍ ପ୍ରଗତି ବାବ୍‌ଦେ ସମୀକ୍ଷା କରିକରି ସବୁ ଗାଁକେ ପକ୍କା ରାସ୍ତାଥି ସଂଯୋଗ୍ କରାଯିବାର୍ ବାବ୍‌ଦେ ଯୋଜ୍‌ନା ତିଆର୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଥିଲେ । ଇ ଅବ୍‌ସରେ ବର୍‌ଗଡ୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ୍ ନିହାର୍ ରଞ୍ଜନ୍

ମହାନନ୍ଦ, ଭଟ୍ଲି ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ, ବିଜେପୁର୍ ବିଧାୟକ୍ ସନତ୍ କୁମାର୍ ଗଡ଼୍ତିଆ, ଜିଲ୍ଲାପାଲ୍ ଆଉ ଅଲ୍ଗା ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଫାଇଲେରିଆ ନିରାକରଣ୍ ଆର୍ଏନ୍ୟୁ/ କଟକ୍

ରାଏଜେ ଫାଇଲେରିଆ ନିରାକରଣ୍ ନେଇକରି ଆଏବା ୧୦ ତାରିଖ୍‌ନୁ ୧୯ ତାରିଖ୍‌ତକ୍ ୨ ନମ୍ବର୍ ଖେପ୍ ସାମୂହିକ୍ ଉଷୋ ଖୁଆବାର୍ ଅଭିଯାନ୍ ହେବା । ଇଥି ୧୨ ଟା ଜିଲ୍ଲାକେ ସାମିଲ୍ କରାଯାଇଛେ । ସ୍ୱାସ୍ଥ୍ୟକର୍ମୀମାନେ ରୋଗୀମାନ୍‌କୁ ଉଷୋ ଦେବାର୍ ବାବ୍‌ଦେ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ରାଜ୍ୟକେ ଫାଇଲେରିଆ ମୁକ୍ତ କର୍ବାର୍ ଲାଗି ବଛର୍‌କ ୨ ଟା ଖେପେ ଇ ଅଭିଯାନ୍ କରାଯାଉଛେ । ଗଲା ଫେବୃଆରୀ ମାସେ ହେଇଥିବା ସାମୂହିକ୍ ଉଷୋ ଖୁଆବାର୍ ଅଭିଯାନ୍‌ଥି ୯୦ ପ୍ରତିଶତ୍ ସଫଲତା ମିଲିଥିବା ବିଭାଗ୍ ତର୍ଫୁ କୁହାଯାଇଛେ ।

ହର୍ ଘର୍ ତ୍ରିରଙ୍ଗା ଏକ୍ସ

ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍‌ଥି ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କୁ ଭାଗ୍ ନେବାର୍ ଲାଗି ତହଁକାବାର୍‌କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ପଦକ୍ଷେପ୍ ନିଆଯାଇଛେ । ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଇଥିର୍‌ଲାଗି ବିଭାଗ୍ ତର୍‌ଫୁ ଚିଠି ଜରିଏ ଜନେଇ ଦିଆଯାଇଛେ । ଗଲାକାଏଲ୍‌ନୁ ମୁଲ୍ ହେଇଥିବା ପହେଲା ଖେପ୍ ଅଭିଯାନ୍ ୮ ତାରିଖ୍‌ତକ୍ ଚାଲ୍‌ବା । ୯ ନୁ ୧୨ ତାରିଖ୍‌ତକ୍ ୨ ନମ୍ବର୍ ଖେପ୍ ଆର୍ ୧୩ ନୁ ୧୫ ତାରିଖ୍‌ତକ୍ ୩ ନମ୍ବର୍ ଖେପ୍ ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍ ଚାଲ୍‌ବା ।

ବିଶ୍ୱ ପ୍ରଦର୍ଶନୀ-୨୦୨୫ ଆର୍‌ଏନ୍‌ୟୁ/ କଟକ୍

ଜାପାନ୍‌ର ଓସାକା ଠାନେ ହେଇଥିବା ବିଶ୍ୱ ପ୍ରଦର୍ଶନୀ-୨୦୨୫ ଥି ଓଡ଼ିଶାର୍ ତାର୍‌କସି କାରୁକାର୍ଯ୍ୟ ପ୍ରଦର୍ଶିତ୍ ହେଉଛେ । ପ୍ରଦର୍ଶନୀଥି ଭାରତ୍‌ର ସଂସ୍କୃତି, ଐତିହ୍ୟ, ମହାକାଶ ସଫଲତା ଆଉ ହସ୍ତଶିଳ୍ପର୍ ସମୃଦ୍ଧିକେ ସାଧାରଣ୍ ଲୋକ୍ ଦେଖିପାରୁଛନ୍ । ପ୍ରଦର୍ଶନୀର୍ ଆଉ ଗୁଟେ ଆକର୍ଷଣ୍ ଭିତ୍‌ରେ ଚନ୍ଦ୍ରାୟନ୍ ଜୋନ୍ ନାଁଥି ଗୁଟେ କ୍ଷେତ୍ର ରହିଛେ । ଯେନ୍‌ଟା ମହାକାଶ୍ ଅନୁସନ୍ଧାନ୍ ଆଉ ଚନ୍ଦ୍ରମିଶନ୍‌ଥି ଭାରତ୍‌ର ସଫଲତାକେ ଦର୍ଶଉଛେ । ଇ ବଛର୍ 'ଆମର୍ ଜୀବନ୍ ଲାଗି ଭବିଷ୍ୟତ୍ ସମାଜ୍ ଗଠନ୍ କର୍‌ମା' ଶୀର୍ଷକ୍‌ଥି

ଇତାର୍ ଆୟୋଜନ୍ କରାଯାଇଛେ । ଇ ବିଶ୍ୱସ୍ତରୀୟ ପ୍ରଦର୍ଶନୀ ଆଏବା ଅକ୍ଟୋବର୍ ୧୩ ତାରିଖ୍‌ତକ୍ ଚାଲ୍‌ବା । ଇଥି ଶହେ ୬୦ ନୁ ଅଏତ୍‌କା ଦେଶ୍ ଆଉ ୯ ଟା ଅନ୍ତର୍ଜାତୀୟ ସଂଗଠନ୍ ଭାଗ୍ ନେଇଛନ୍ ।

ମଧ୍ୟାହ୍ନ ଭୋଜନ- ଝିଟିପିଟି ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ମୁରିବାହାଲ୍ ବ୍ଲକ୍ ତେତେଲ୍‌ଖୁଂଟି ସର୍‌କାରୀ ନୋଡ଼ାଲ୍ ଉଚ୍ଚବିଦ୍ୟାଳୟ ନ ମଧ୍ୟାହ୍ନ ଭୋଜନ୍ ଖାଇକରି ବହୁତ୍ ଛାତ୍ରଛାତ୍ରୀଙ୍କର୍ ଦିହି ଖରାପ୍ ହେଇଥିଲା । ସେମାନ୍‌କୁ ଚିକିତ୍ସା ଲାଗି ଡାକ୍ତର୍‌ଖାନା ନ ଭର୍ତି କରାଯାଇଥିଲା । ଛାତ୍ରଛାତ୍ରୀମାନେ ସୁସ୍ଥ ହେଇକରି ଘର୍‌କେ ଫିରିଥିବାର୍ ଜନାପଡ଼ିଛେ । ଘଟ୍‌ନାର୍ ତଦନ୍ତ୍ ଜାରି ରହିଛେ ବଲି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ଦିବ୍ୟଶଙ୍କର୍ ପତି କହିଛନ୍ ।

ବାଲ୍ୟବିବାହ ନିଷେଧ-କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟର୍ ସଦ୍‌ଭାବନା ସଭାଗୃହ ନ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କର୍ ଦାୟିତ୍ୱ ଆଉ ଭୂମିକା ବାବ୍‌ଦେ ଦିନ୍‌କିଆ କର୍ମଶାଳା ହେଇଯାଇଛେ । ଜିଲ୍ଲା ଶିଶୁ

ସୁରକ୍ଷା ବିଭାଗ୍ ଆଉ ମହିଳା ଆଉ ଶିଶୁ କଲ୍ୟାଣ୍ ବିଭାଗ୍ ତରଫୁ ବାଲ୍ୟ ବିବାହ ନିଷେଧ୍ ଆଇନ୍ -୨୦୦୬ ଉପ୍ରେ ସଚେତନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଅଧିକାରୀମାନ୍‌କୁ ନିଜର୍ ନିଜର୍ ଦାୟିତ୍ୱ ଠିକ୍ ଭାବେ କରିକରି ଜିଲ୍ଲାକେ ବାଲ୍ୟବିବାହ ମୁକ୍ତ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

ଯୁବ ରେଡ଼୍‌କ୍ରସ୍ କାର୍ଯ୍ୟକାରିଣୀ ବୈଠକ୍   ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟ ଠାନେ ଯୁବ ରେଡ଼୍‌କ୍ରସ୍‌ର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ଯୁବ ରେଡ଼୍‌କ୍ରସ୍ କାର୍ଯ୍ୟକାରିଣୀ ସଭାପତି ଆଉ ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟର୍ ଅଧ୍ୟକ୍ଷ ନିରଞ୍ଜନ୍ ମିଶ୍ର ରକ୍ତଦାନ୍ କ୍ଷେତ୍ରଥି ଯୁବ ରେଡ଼୍‌କ୍ରସ୍‌କେ ଆଗ୍‌କେ ନେବାର୍ ବାବ୍‌ଦେ କହିଛନ୍ । କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ଜିଲ୍ଲାର୍ ୨୯ ଟା ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆଉ ଯୁକ୍ତ ୩ ମହାବିଦ୍ୟାଳୟର୍ ଅଧ୍ୟକ୍ଷ ମାନେ ଯୋଗ୍ ଦେଇଥିଲେ ।

ସାହାଣୀ କପ୍- ଫାଇନାଲ୍            କେନ୍ଦୁଝର୍ ସମ୍ବାଦଦାତା

୬୪ ନମ୍ବର୍ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍- ସାହାଣୀ କପ୍ ର ଫାଇନାଲ୍ ମେଚ୍‌ଥି କଟକ୍ ଦଲ୍ ଚାମ୍ପିଆନ୍ ହେଇଛେ । ଆଏଜ୍ କେନ୍ଦୁଝର୍ ଠାନେ ହେଇଥିବା ଫାଇନାଲ୍ ଖେଲ୍‌ଥି କଟକ୍ ଦଲ୍ - ସମ୍ବଲ୍‌ପୁର୍ ଦଲ୍‌କେ ୨-୧ ଗୋଲ୍‌ଥି ହରେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍‌ଥି ଯୋଗ୍ ଦେଇକରି ଦୁହି ଦଲ୍‌କେ ପୁରସ୍କୃତ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ପାଗ୍ ମେଘୁଆ ରହିଛେ । କେତେଟା ଜାଗା ନ ସାମାଏନ୍ ବର୍ଷା ହେଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ବର୍‌ଗଡ୍, ଦେବ୍‌ଗଡ୍ ସହେତେ ୨୦ ଟା ଜିଲ୍ଲା ନ ଚଡ଼କ୍ ମାର୍‌ବାର୍ ସହେତେ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ଉପର୍‌ମୁଡ଼େ ବର୍ଷା କମିଥିବାର୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍ ସବୁଯାକ ଗେଟ୍‌କେ ବନ୍ଦ୍ କରି ଦିଆଯାଇଛେ ।

ଜଳଭଣ୍ଡାର୍ ଜଳସ୍ତର୍ ୬ ଶହ ୧୧ ଦଶ୍ମିକ୍ ୬/ଶୂନ୍ ରହିଛେ ।